# ବ୍ୟବସାୟିକ ଭିତ୍ତିରେ "ମାଛ ଚାଷ"

ମନୁଷ୍ୟର ଶାରୀରିକ, ବୌଦ୍ଧିକର ବିକାଶ ନିମନ୍ତେ ସୁଷମ ଖାଦ୍ୟ ନିତ୍ୟାନ୍ତ ଆବଶ୍ୟକ । ଶାରୀରିକ ବିକାଶ ଦିଗରେ ପୁଷ୍ଟିସାର ଖାଦ୍ୟ ସର୍ବଦା ଗୁରୁତ୍ୱ ବହନ କରିଆସିଛି । ବିଶେଷତଃ ଭାବେ ମାଛରେ ଥିବା ପୁଷ୍ଟିସାର ଆମ ଶରୀରକୁ ସତେଜ, ସବଳ, ସୁନ୍ଦର କରି ଗଢ଼ି ତୋଳିବାରେ ନିର୍ଣ୍ଣାୟକ ଭୂମିକା ତୁଲାଇଥାଏ । ମାଛ ଚାଷ ଏକ ଲାଭଜନକ ଚାଷ । ଶତକଡ଼ା ୨୦ ଭାଗ ପୁଷ୍ଟିସାର ମାଛରୁ ହିଁ ଆସିଥାଏ । ଶରୀର ଲାଗି ୧୨ ଟି ଆମିନୋ ଏସିଡ୍ ମଧ୍ୟରୁ ୬ଟି କେବଳ ମାଛରୁ ମିଳିଥାଏ । ବର୍ତ୍ତମାନ ପରିପକ୍ଷୀରେ ଏହାର ଉତ୍ପାଦକ ଆବଶ୍ୟକତା ଠାରୁ କମ ହୋଇଥିବା ଯୋଗୁଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି ।

ଆମ ରାଜ୍ୟ ଓଡ଼ିଶା ଏକ ପ୍ରାକୃତିକ ସମ୍ପଦ ଜୈବ ବିବଧତା ଉପରେ ପର୍ଯ୍ୟବେସିତ । ପୋଖରୀ ହେଉଛି ଏକ ଛୋଟ ବା କ୍ଷୁଦ୍ରାତି କ୍ଷୁଦ୍ର ଭୌଗଳିକର ଅଂଶବିଶେଷ ଯେଉଁଥିରେ ମାଛ ଚାଷ ସମ୍ପର୍କିତ କାର୍ଯ୍ୟକ୍ରମକୁ ହାତକୁ ନେଇ ଆତ୍ମନିଯୁକ୍ତ କ୍ଷେତ୍ରରେ ସୁଯୋଗ, ସମ୍ଭାଦନା ସୃଷ୍ଟିକରିବା ସହ ଖାଦ୍ୟ ନିରାପତ୍ତାକୁ ଏଡ଼ାଇ ଦିଆଯାଇ ପାରିବ । ଭୌଗଳିକ ଅଞ୍ଚଳ ସ୍ଥିତିକୁ ଅନୁଧ୍ୟାନ ସହିତ ଆତ୍ମ ନିର୍ଭରଶୀଳତା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହାସଲ କରାଯାଇପାରିବ । ଭୌଗଳିକ ସ୍ଥିତି ଅନୁସାରେ ଓଡ଼ିଶା କ୍ରାନ୍ତୀୟ ରେଖା ନିକଟବର୍ତ୍ତୀ ହୋଇଥିବାରୁ ଏଠାରେ ପର୍ଯ୍ୟାପ୍ତ ପରିମାଣ ସୂର୍ଯ୍ୟାଲୋକ ଓ ଉତ୍ତମ ବୃଷ୍ଟିପାତ ଉପଲବ୍ଧ ହୋଇଥାଏ । ଏଣୁ ଏହି ସବୁପ୍ରକାର ଦିଗକୁ ଆଖି ଆଗରେ ରଖି ମାଛ ଋଷ ନିମନ୍ତେ କେତେଗୁଡ଼ିଏ କୌଶଳ ଅବଲମ୍ବନ କରିବାକୁ ପଡ଼ିବ ।

**(୧) ପୋଖରୀ ପ୍ରସ୍ତୁତି:** ପୋଖରୀ ପ୍ରସ୍ତୁତି ନିମନ୍ତେ ଜୁନ୍ ମାସକୁ ପ୍ରକୃଷ୍ଟ ସମୟ ବୋଲି ଧରାଯାଏ । ମାଛ ଋଷ ନିମନ୍ତେ ପୋଖରୀର ଆକାର ୦.୪ ରୁ ୧.୦ ହେକ୍ଟର ଏବଂ ଗଭୀରତା ୨ ରୁ ୩ ମିଟର ରହିବା ଅତ୍ୟନ୍ତ ଭଲ । ମାଛ ଋଷ ନିମନ୍ତେ ପୋଖରୀ ପରିଋଳନାକୁ ତିନି ଭାଗରେ – ଜାଆଁଳା ଛାଡ଼ିବା ପୂର୍ବରୁ, ଜାଆଁଳା ଛାଡ଼ିବା ବେଳେ ଏବଂ ଜାଆଁଳା ଛାଡ଼ିବା ପରେ । ପୋଖରୀ ମଧ୍ୟ ଦେଇ ପାଣି ଝରିବା ବା ରୋକିବା ପାଇଁ ବେଣ୍ଟୋ ନାଇଟ୍ ବ୍ୟବହାର କରାଯାଇଥାଏ ।

**(୨) ଘାସ ଦଳ ଦମନ:** ଜାଆଁଳା ଛାଡ଼ିବା ପୂର୍ବରୁ ଅନାବନା ଘାସ ଦଳ ଦମନ କରିବା ନିତ୍ୟାନ୍ତ ଆବଶ୍ୟକ । ୨ ଫୋରଡ଼ି, ସାଇମେଜାଇନ୍, ଆମୋନିଆ ଇତ୍ୟାଦି ପ୍ରୟୋଗ କରି ଦଳ ଦମନ କରିବା ସହିତ ଜୈବିକ ପଦ୍ଧତିରେ ଗ୍ରାସ୍‌କପ୍ ଏବଂ ସିଲଭର କାର୍ପ ଛାଡ଼ି ଘାସ ଦଳ ଦମନ କରାଯାଇପାରିବ ।

**(୩) ଶିକାରୀ ଓ ଅଦରକାରୀ ମାଛ ନିରାକରଣ:** ଜାଆଁଳା ଛଡ଼ାଯିବା ପୂର୍ବରୁ ଶିକାରୀ ମାଛ ଯଥା – ଶେଉଳ, ଗଡ଼ିଶା, ଓ ସିଙ୍ଗି ମାଛ ପ୍ରଭୃତିକୁ ଦମନ କରିବା ଆବଶ୍ୟକ । ଏମାନେ ଅଯଥା ସ୍ଥାନ ଅକ୍ତିଆର କରିବା ସହ ଅମ୍ଳଜାନ ପରିମାଣ କମାଇଥାନ୍ତି । (୧) ବାରମ୍ବାର ଜାଲ ପକାଇ ଶିକାରୀ ମାଛ ଦମନ (୨) ଜାଆଁଳ ଛଡ଼ା ଯିବାର ୩ ସପ୍ତାହ ପୂର୍ବରୁ ଏକ ହେକ୍ଟର ଆକାର ବିଶିଷ୍ଟ ପୋଖରୀରେ ୨୫୦ କ୍ରିଗ୍ରା ମହୁଲ ପଡ଼ିଆ ପକାଇବା ଆବଶ୍ୟକ । (୩) ୩୫୦ କିଗ୍ରା ବ୍ଲିଚିଂ ପାଉଡ଼ର ଯଥା ୧୦୦କିଗ୍ରା ୟୁରିଆ ପକାଇ ଦମନ କରାଯାଇପାରେ । (୪) ବ୍ଲିଚିଂ ଓ ୟୁରିଆ ପକାଇବାର ୧୦-୧୫ ଦିନ ପରେ ଜାଆଁଳ ଛାଡ଼ିବା ଉଚିତ ।

**(୪) ଚୂନ ପ୍ରୟୋଗ:** ବର୍ଷା ପରେ ପାଣି ଗୋଳିଆ ହୋଇଯାଇଥିଲେ ପାଣି ସଫା କରିବା ଯାଇଁ ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ୪୦୦-୩୫୦ କିଗ୍ରା ଚୂନ ପ୍ରୟୋଗ କରନ୍ତୁ । ଏହାଦ୍ୱାରା ପାଣି ବିଷ ମୁକ୍ତ ଓ ରୋଗ ମୁକ୍ତ ରହେ । ପାଣିର ଅମ୍ଳତ୍ୱ ୬.୫ରୁ ୮.୦ ମଧ୍ୟରେ ରହେ ଯାହା ମାଛ ଚାଷ ପାଇଁ ଉପଯୁକ୍ତ ।

**(୫) ପ୍ରାକୃତିକ ଖାଦ୍ୟ:** ପ୍ଲାଙ୍କଟନ୍ ମାଛ ନିମନ୍ତେ ଏକର ଉତ୍କୃଷ୍ଟ ଖାଦ୍ୟ । ଚୂନ ପ୍ରୟୋଗ ପରେ ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ୧୦ଟନ ଗୋବର ବା କୁକୁଡ଼ା ଖତ ୭୫୦ କିଗ୍ରା, ବାଦାମ ପିଡ଼ିଆ ୧୦୦ କିଗ୍ରା ସିଙ୍ଗଲ ସୁପର ଫସ୍‌ଫେଟ୍ ୨୫୦ କିଗ୍ରା ଓ ୟୁରିଆ ପ୍ରୟୋଗ କରନ୍ତୁ । ମହୁଲ୍ ପିଡ଼ିଆ ପଡ଼ିଥିଲେ ୫ଟନ ଖତ ପ୍ରୟୋଗ କରନ୍ତୁ ।

(୬) ପୋକ ଦମନ: ଅଦରକାରୀ ପୋକ ଓ ପୋକ ଖାଦ୍ୟ ଏବଂ ଅମ୍ଳଜାନ ପାଇଁ ମାଛମାନଙ୍କ ସହ ପ୍ରତିଦ୍ୱନ୍ଦିତା କରିଥାନ୍ତି । ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ୫୬ କିଗ୍ରା ତେଲ କିମ୍ବା ୧୮ କିଗ୍ରା ଶସ୍ତା ସାବୁନର ମିଶ୍ରଣ ପ୍ରୟୋଗ କରିବା ଦ୍ୱାରା ପୋକ ମରିଯାନ୍ତି ।

(୭) ଜାଆଁଳା ଛାଡ଼ିବା ପଦ୍ଧତି: ପୋଖରୀରେ ୪ ରୁ ୫ ଫୁଟର ପାଣି ବ୍ୟବସ୍ଥା ଥିଲେ ଜାଆଁଳା ଛାଡ଼ିବା ଉଚିତ୍ । ସବୁ ମାଛର ଜାଆଁଳା ଜୁଲାଇରୁ ଅକ୍ଟୋବର ମାସରେ ମିଳିଥାଏ । ଜାଆଁଳ ଗୁଡ଼ିକୁ ସୂର୍ଯ୍ୟୋଦୟ କିମ୍ବା ଥଣ୍ଡା ସମୟରେ ଛାଡ଼ିବା ଆବଶ୍ୟକ । ୪୧ ରୁ ୬୦ ମି.ମି ଜାଆଁଳା ଏକ ହେକ୍ଟର ପିଛା ୧୦୦୦୦ ସଂଖ୍ୟାରେ ୧୦୦ ମି.ମି. ଜାଆଁଳ ୫୦୦୦-୭୫୦୦ ହେକ୍ଟର ପିଛା, ସର୍ବଦା ପଲିଥିନ ପ୍ୟାକେଟରେ ଅମ୍ଳଜାନ ଥାଇ ମାଛ ଜାଆଁଳା କିଣିବା ଉଚିତ୍ ।

(୮) ମାଛ ଖାଦ୍ୟ: ବାଦାମ ପିଡ଼ିଆ ସହିତ ରେକଡ଼ ଖୁଦ, କୁଣ୍ଡା ଏବଂ ବିଭିନ୍ନ ତେଲ ପିଡ଼ିଆ ଆଦି ଦିଆଯାଇ ପାରିବ । ୫ ରୁ ୧୦ ଭାଗ ପ୍ରାଣୀଜ ପୃଷ୍ଟିସାର ମିଶାଇଲେ ଖାଦ୍ୟର ମାନ ବଢ଼ିଯାଏ । ସାଧାରଣତଃ ପୋଖରୀରେ କେତେ ଓଜନର ମାଛ ଅଛି । ତାହା ଆକଳନ କରି ସେତିକି ଓଜନର ଖାଦ୍ୟ ଦେବାକୁ ହୋଇଥାଏ । ଖାଦ୍ୟ ପ୍ରତିଦିନ ସକାଳେ, ସଂନ୍ଧ୍ୟାରେ ନିର୍ଦ୍ଦିଷ୍ଟ ସ୍ଥାନ ମାନଙ୍କରେ ପାଣି ଭିତରେ ଝୁଡ଼ିରେ ଟଙ୍ଗାଇ ରଖାଯାଏ ।

(୯) ରକ୍ଷଣାବେକ୍ଷଣ: ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ରକ୍ଷଣାବେକ୍ଷଣର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ । ପୋଖରୀର ପାଣି ଓ ମାଟିକୁ ପରୀକ୍ଷା କରି ଆବଶ୍ୟକ ସ୍ଥଳେ ସାର ପ୍ରୟୋଗ କରି ଉତ୍ପାଦିକା ଶକ୍ତିକୁ ସ୍ଥିର ରଖିବା ଦରକାର ।

(୧୦) ରୋଗ ନିୟନ୍ତ୍ରଣ:- ମାଛ ଚାଷକୁ ଫଳପ୍ରଦ ବା ଲାଭଜନକ କରିବାକୁ ହେଲେ ମାଛ ଚାଷୀକୁ ମାଛର ରୋଗ ସମ୍ବନ୍ଧରେ ଜ୍ଞାନ ଆହରଣ କରିବା ବିଧେୟ । ବସନ୍ତ ରୋଗ ହେଲେ ୧ ହେକ୍ଟର ପୋଖରୀ ପ୍ରତି ୧ ଲିଟର ସିଫାକ୍ସ ପ୍ରୟୋଗ କରନ୍ତୁ ।

(୧୧) ଓଡ଼ିଶାରେ ମାଛ ଚାଷ ଉତ୍ପାଦନ ବୃଦ୍ଧି ପାଇଁ ଅନେକ ଯୋଜନା ଯଥା: ମତ୍ସ୍ୟ ଚାଷ ଉନ୍ନୟନ ସଂସ୍ଥା (FFDA) ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ଼ (NFDB), ଜାତୀୟ ପୃଷ୍ଟିସାର ପରିପୂରକ ମିଶନ୍ (NMPS) ଓ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MNREGS) କାର୍ଯ୍ୟକାରୀ କରାଯାଉଛି ।

୧୨) ଓଡ଼ିଶା ସରକାରଙ୍କ ଦ୍ୱାରା ମୋବାଇଲ୍ ମାଧ୍ୟମରେ ମତ୍ସ୍ୟ ଚାଷୀ ଓ ମତ୍ସ୍ୟଜୀବିଙ୍କ ସଶକ୍ତିକରଣ ପାଇଁ ପ୍ରତିଦିନ ୫ଗୋଟି ସୂଚନା (Voice Message) ବିନା ମୂଲ୍ୟରେ ପ୍ରଦାନ କରାଯାଉଛି ।

- ମତ୍ସ୍ୟ ଉତ୍ପାଦନ ଓ ସଂରକ୍ଷଣ ସୂଚନା
- ମାଛ ଓ ମାଛ ଉତ୍ପାଦନର ବଜାର ଦର
- ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଓ ସହାୟତା
- ପାଣି ପାଗ, ବନ୍ୟା, ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧୀୟ ଆଗୁଆ ସୂଚନା ଓ ପୂର୍ବାନୁମାନ ।
- ମତ୍ସ୍ୟ ଚାଷ ପାଇଁ ପ୍ରୋତ୍ସାହନ ଓ ରୋଗ ନିରାକରଣ ସୂଚନା ।

**ମାଛ ଚାଷ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଆମେ ପ୍ରଚାର ପତ୍ରଟି ପ୍ରକାଶ କରିଛୁ । ଲାଭଜନକ ତଥା ବ୍ୟବସାୟିକ ଦୃଷ୍ଟିରୁ, ଏହି ପ୍ରଚାର ପତ୍ରଟି ଚାଷୀ ଭାଇମାନଙ୍କ ଭିତରେ ନୂତନ ଅଧ୍ୟାୟ ସୃଷ୍ଟି କରିବା ସହିତ କୃଷିର ବିକାଶ କ୍ଷେତ୍ରରେ ଉନ୍ନତି ହେଲେ ଆମର ଶ୍ରମ ସାର୍ଥକ ହେବ ।**

**ମାଛ ଚାଷ ବିଷୟରେ ଅଧିକ ଜାଣିବା ପାଇଁ ଆଜି ହିଁ ଯୋଗାଯୋଗ କରନ୍ତୁ**


## ସୋସିଆଲ୍ ଡ଼େଭ୍ଲପ୍‌ମେଣ୍ଟ୍ ଫାଉଣ୍ଡେସନ୍

ବହ୍ଲର ଛକ, ତାଳଚେର, ଅନୁଗୁଳ, ଓଡ଼ିଶା-୭୫୯୧୦୪

ଦୂରଭାଷ: ୯୪୩୭୯୦୪୧୦୮, ୮୯୦୮୪୬୬୦୪୯